# NATIONAL NEWS BULLETIN (ODIA)

**10 October - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଚେନ୍ନାଇକୁ ଆସନ୍ତାକାଲି ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ପ୍ରଧାନମନ୍ତ୍ରୀ

- ରାଜସ୍ଥାନର ଯୋଧପୁର ବାୟୁସେନା ଘାଟିଠାରେ ବହୁରାଷ୍ଟ୍ରୀୟ ତରଙ୍ଗ ଶକ୍ତି କାର୍ଯ୍ୟକ୍ରମରେ ଯୋଗଦେଲେ ପ୍ରତିରକ୍ଷାମନ୍ତ୍ରୀ

- ମାନସିକ ସ୍ୱାସ୍ଥ୍ୟର ମହତ୍ତ୍ୱ ଓ ଏହାର ପ୍ରଭାବ ସଂପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

- ବିଶ୍ୱ ବଜାର କ୍ଷେତ୍ରକୁ ରୁଷ୍‌ର ପ୍ରସ୍ତାବିତ ତୈଳ ଯୋଗାଣ ଅର୍ଥନୈତିକ କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ପକାଇବ କହିଲେ ରୁଷ୍ ରାଷ୍ଟ୍ରପତି

ଏବଂ

- ଇନ୍ଦୋରଠାରେ ଆସନ୍ତାକାଲି ଖେଳାଯିବ ଭାରତ-ୱେଷ୍ଟଇଣ୍ଡିଜ୍ ତୃତୀୟ ଟି-୨୦ କ୍ରିକେଟ୍ ମ୍ୟାଚ୍

---

## ପିଏମ୍-ଚେନ୍ନାଇ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଚେନ୍ନାଇ ଗସ୍ତରେ ଯାଇ କେତେକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ସେଥିମଧ୍ୟରେ ପୁନମାଲ୍ଲେ

ଏବଂ ଭଡ଼ପଲାନି ମଧ୍ୟରେ ମେଟ୍ରୋ ରେଳସେବାର ଉଦ୍‌ଘାଟନ ଅନ୍ତର୍ଭୁକ୍ତ । ଆଭାସୀ ମାଧ୍ୟମରେ ମଧ୍ୟ ଶ୍ରୀମୋଦୀ ଏହି ଅବସରରେ ୫ଟି ଅମୃତ ଭାରତ ଷ୍ଟେସନ୍ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ପୋରୁର୍‌ଠାରୁ ପୁନମାଲ୍ଲେ ପର୍ଯ୍ୟନ୍ତ ଶ୍ରୀ ମୋଦୀ ମେଟ୍ରୋ ରେଳଯୋଗେ ଯାତ୍ରା କରିବେ। ପୋରୁର୍ ହ୍ରଦ ନିକଟସ୍ଥ ଜଳକଣ୍ଠେଶ୍ୱର ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିବାର ମଧ୍ୟ କାର୍ଯ୍ୟସୂଚୀ ରହିଛି । ଶ୍ରୀ ମୋଦୀଙ୍କ ସହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସି. ଯୋଶେଫ୍ ବିଜୟ ଯୋଗଦେବେ । ଆଇଆଇଟି ମାଡ୍ରାସ୍‌ଠାରେ ବ୍ରେନ୍ ସେଣ୍ଟରର ଶ୍ରୀ ମୋଦୀ ପରିଦର୍ଶନ କରିବେ । ସେଠାରେ ଏକ ପଦଯାତ୍ରାରେ ସାମିଲ ହେବା ସହ କେତେକ କଲ୍ୟାଣମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଦିଲ୍ଲୀ ପ୍ରତ୍ୟାବର୍ତ୍ତନ ପୂର୍ବରୁ ପ୍ରଧାନମନ୍ତ୍ରୀ ଜୟଗୋପାଳ ଗରୁଡ଼ିଆ ସମାରୋହରେ ମଧ୍ୟ ଯୋଗଦେବେ ।

---

## ରାଜନାଥ ତରଙ୍ଗ ଶକ୍ତି

ରାଜସ୍ଥାନର ଯୋଧପୁରସ୍ଥିତ ବାୟୁସେନା ଘାଟିଠାରେ ତରଙ୍ଗ ଶକ୍ତି କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗ ଦେଇଛନ୍ତି । ଏହି ବହୁରାଷ୍ଟ୍ରୀୟ ଆକାଶ କ୍ଷେତ୍ର ପ୍ରଦର୍ଶନୀ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂ ଭାରତୀୟ ବାୟୁସେନା କର୍ମଚାରୀଙ୍କ ସମେତ ଅଂଶଗ୍ରହଣକାରୀ ରାଷ୍ଟ୍ରର ବାୟୁସେନା ଅଧିକାରୀଙ୍କ ସହ ଭାବ ବିନିମୟ କରିଛନ୍ତି । ଏହି ଅବସରରେ ଆଧୁନିକ ଲଢୁଆ ବିମାନଗୁଡ଼ିକ ଦ୍ୱାରା ପ୍ରଦର୍ଶିତ ଏକ କାର୍ଯ୍ୟକ୍ରମକୁ ଶ୍ରୀ ସିଂ ନିରୀକ୍ଷଣ କରିଥିଲେ । ଅଂଶଗ୍ରହଣକାରୀ ରାଷ୍ଟ୍ରଗୁଡ଼ିକର ସେନା, ସେମାନଙ୍କର କାର୍ଯ୍ୟଦକ୍ଷତା, ପ୍ରଯୁକ୍ତିବିଦ୍ୟା ଆଧାରିତ ସାମରିକ ପଦକ୍ଷେପ ଆଦି ପ୍ରଦର୍ଶନ କରିଥିଲେ ।

---

## ନବୀନ-ଅପୋଜିସନ୍

ବିରୋଧୀ ଦଳଗୁଡ଼ିକ ଦେଶରେ ଅରାଜକତା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି ବୋଲି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଅଭିଯୋଗ କରିଛନ୍ତି । ବିଦେଶୀ ଶକ୍ତିଙ୍କ ପ୍ରରୋଚନାରେ ସେମାନେ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମ ସହ ଆଲୋଚନା କାଳରେ ଶ୍ରୀ ନବୀନ ବିରୋଧୀ ଦଳଗୁଡ଼ିକ ଦେଶରେ ଗମ୍ଭୀର ପରିସ୍ଥିତି ସୃଷ୍ଟି କରିବାକୁ ସର୍ବଦା ଚେଷ୍ଟା କରୁଛନ୍ତି ବୋଲି  କହିଛନ୍ତି । ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଅତ୍ୟନ୍ତ ସଶକ୍ତ ଏବଂ ବିରୋଧୀଙ୍କ ଏଭଳି ଚିନ୍ତାଧାରାକୁ ନାଗରିକ ସମର୍ଥନ କରୁନାହାନ୍ତି ବୋଲି ସେ କହିଛନ୍ତି । ବିଶ୍ୱ ସଂକଟ ସତ୍ତ୍ୱେ ଦେଶ ନିରନ୍ତର ପ୍ରଗତିପଥରେ ଅଗ୍ରସର ହେଉଛି ବୋଲି ଶ୍ରୀ ନବୀନ କହିଛନ୍ତି ।

**V/O**

ସମ୍ବିଧାନ ପ୍ରସଙ୍ଗରେ ବିରୋଧୀ ଦଳ ଅପପ୍ରଚାର କରିଚବା ସହ ଜନାଦେଶକୁ ଅପମାନ କରୁଛନ୍ତି ବୋଲି ଶ୍ରୀ ନବୀନ ଅଭିଯୋଗ କରିଛନ୍ତି ।

---

## ହେଲ୍‌ଥ ମିନିଷ୍ଟର-ମେଣ୍ଟାଲ୍ ହେଲ୍‌ଥ

ସମାଜରେ ମାନସିକ ସ୍ୱାସ୍ଥ୍ୟର ମହତ୍ତ୍ୱ ଏବଂ ଏହାର ପ୍ରଭାବ ସଂପର୍କରେ ଜନ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଜି 'ବିଶ୍ୱ ମାନସିକ ଦିବସ' ପାଳନ କରାଯାଉଛି । ୧୯୯୨ ମସିହାରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସଂଘ ପକ୍ଷରୁ ପ୍ରତ୍ୟେକ ବର୍ଷ ଅକ୍ଟୋବର ୧୦ ତାରିଖରେ ଏହି ଦିବସ

ପାଳନ କରାଯାଇ ଆସୁଛି । ମାନସିକ ରୋଗ ସହ ଜଡ଼ିତ ଭ୍ରାନ୍ତ ଧାରଣା, ପ୍ରତିବନ୍ଧକ, ଭେଦଭାବ ଦୂର କରିବା ଏବଂ ଏହି କ୍ଷେତ୍ରରେ ସାମୂହିକ ସହଯୋଗ ବୃଦ୍ଧି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । 'ଅଙ୍ଗେ ନିଭେଇଥିବା ଅନୁଭୂତିକୁ ଶୁଣିବା: ପ୍ରକୃତ ସ୍ୱର, ପ୍ରକୃତ ପରିବର୍ତ୍ତନ' ପ୍ରସଙ୍ଗ ଆଧାରରେ ଚଳିତ ବର୍ଷ ଏହି ଦିବସ ପାଳନ କରାଯାଉଛି ।

ଏହି ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ସୁଲଭ ତଥା ନାଗରିକ କୈନ୍ଦ୍ରିକ ମାନସିକ ସ୍ୱାସ୍ଥ୍ୟସେବା ପ୍ରତି ସରକାରଙ୍କ ଅଙ୍ଗିକାରବଦ୍ଧତା ଉପରେ ଆଲୋକପାତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ନଡ୍ଡା କହିଛନ୍ତି, ସମାଜର ବିଭିନ୍ନ ସ୍ତରରେ ମାନସିକ ସ୍ୱାସ୍ଥ୍ୟ ସହାୟତା ଲୋକଙ୍କ ପାଖରେ ପହଞ୍ଚିପାରୁଛି । ଦେଶବ୍ୟାପୀ ୫୩ଟି ଟେଲି-ମାନସ କେନ୍ଦ୍ର କାର୍ଯ୍ୟ କରୁଛି ଏବଂ ଏହା ମାଧ୍ୟମରେ ୪୮ଲକ୍ଷରୁ ଅଧିକ ପରାମର୍ଶ ପ୍ରଦାନ କରାଯାଇଛି। MANN ଜାଗୃତି ପଦକ୍ଷେପ ସମାଜରେ ସଚେତନତାକୁ ସୁଦୃଢ଼ କରିଛି ବୋଲି ଶ୍ରୀ ନଡ୍ଡା କହିଛନ୍ତୀ ।

ଏହି ଅବସରରେ ଶ୍ରୀ ନଡ୍ଡା ମାନସିକ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏକ ସମଭାବାପନ୍ନ ତଥା ସହାୟକ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଛନ୍ତି ।

---

## ରୁଷ୍-ଅଏଲ୍

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ୍ କହିଛନ୍ତି, ଆମେରିକା ଓ ବିଶ୍ୱ ବଜାର କ୍ଷେତ୍ରକୁ ପ୍ରସ୍ତାବିତ ରୁଷ୍‌ର ତୈଳ ଓ ପେଟ୍ରୋଲିୟମ୍ ଉତ୍ପାଦ ଯୋଗାଣ ଅର୍ଥନୈତିକ କ୍ଷେତ୍ର ଉପରେ ସକାରାତ୍ମକ ପ୍ରଭାବ ପକାଇବ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଗତକାଲି ଆଲୋଚନା ପରେ ରାଷ୍ଟ୍ରପତି ଶ୍ରୀ ପୁଟିନ୍ ଏହି ମନ୍ତବ୍ୟ ଦେଇଛନ୍ତି । ୟୁକ୍ରେନ୍ ବିବାଦ ଏବଂ ଇରାନ ସଂଘର୍ଷ ପରିସ୍ଥିତି ଉପରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି । ରୁଷ୍ ବୈଦେଶିକ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ଆନ୍ତର୍ଜାତିକ ବଜାରକୁ ତୈଳ ଓ ପେଟ୍ରୋଲିୟମ ଉତ୍ପାଦ ଯୋଗାଣ ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ରାଷ୍ଟ୍ରପତି ଶ୍ରୀ ପୁଟିନ୍ ନିର୍ଦ୍ଦେଶ ଦେଇଛନ୍ତି । ରୁଷର ପ୍ରସ୍ତାବିତ ତୈଳ ଯୋଗାଣକୁ ଆମେରିକା ମଧ୍ୟ ସ୍ୱାଗତ କରିଛି । ଏହା ଫଳରେ ବୈଶ୍ୱିକ କ୍ଷେତ୍ରରେ ଡିଜେଲ୍ ମୂଲ୍ୟ ହ୍ରାସ ପାଇବାର ସମ୍ଭାବନା ରହିଛି ।

ଅନ୍ୟପକ୍ଷରେ ଗତକାଲିର ଆଲୋଚନା ପରେ ୨୦୨୭ ଏପ୍ରିଲ୍ ୭ ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ବଜାରକୁ ରୁଷ୍‌ର ଡିଜେଲ ଏବଂ ପେଟ୍ରୋଲିୟମ୍ ଉତ୍ପାଦ ଯୋଗାଣ ଉପରେ କଟକଣାକୁ ଆମେରିକା ପ୍ରତ୍ୟାହାର କରିନେଇଛି ।

---

## ସେବାସଂକଳ୍ପ–ଟ୍ରାଇବାଲ୍ ଫାଇଟର୍ ମ୍ୟୁଜିୟମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ

ଆପଣମାନଙ୍କୁ 'ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ' ସମ୍ପର୍କରେ ସୂଚନା ପ୍ରଦାନ କରୁଛୁ ।

ଝାଡ଼ଖଣ୍ଡର ଗୌରବମୟ ଇତିହାସ ଓ ଜନଜାତି ମହାନାୟକମାନଙ୍କ ଅବଦାନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ନଭେମ୍ବର ୧୫ ତାରିଖରେ ପାଳନ କରାଯାଉଛି ଜନଜାତୀୟ ଗୌରବ ଦିବସ। ଏହି ଦିନଟି ହେଉଛି ମହାନ ଆଦିବାସୀ ଜନନାୟକ ତଥା ସହିଦ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନା ଅନୁଯାୟୀ, ରାଞ୍ଚିର ପୁରୁଣା କେନ୍ଦ୍ରୀୟ କାରାଗାର ପରିସରରେ ପ୍ରାୟ ୧୪୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ଏକ ବିଶାଳ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ। ପ୍ରାୟ ୩୦ ଏକର ପରିମିତ ଏହି ସଂଗ୍ରହାଳୟରେ ସିଦ୍ଧୁ-କାହ୍ନୁ, ବୀର ବୁଧୁ ଭଗତ, ଗୟା ମୁଣ୍ଡା ଏବଂ ଭଗବାନ ବିର୍ସା ମୁଣ୍ଡାଙ୍କ ଭଳି ବୀର ଯୋଦ୍ଧାଙ୍କ ସଂଘର୍ଷ ଓ ବଳିଦାନକୁ ଜୀବନ୍ତ ଭାବେ ଉପସ୍ଥାପନ କରାଯାଇଛି।

ଏହି ସଂଗ୍ରହାଳୟ ଆଦିବାସୀ ସମାଜର ସ୍ୱାଭିମାନ ଓ ଐତିହାସିକ ଅବଦାନକୁ ସମ୍ମାନ ଦେବା ସହ ନୂତନ ପିଢ଼ିକୁ ଦେଶର ସ୍ୱାଧୀନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ସହ ପରିଚିତ କରାଇବ ବୋଲି ଶ୍ରୀ ମୋଦୀ କହିଛନ୍ତି:

**V/O**

ଆଦିବାସୀ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ସହିତ ଜନଜାତି ବହୁଳ ଅଞ୍ଚଳରେ ଭିତ୍ତିଭୂମିର ବିକାଶ ଆଜି ଝାଡ଼ଖଣ୍ଡର ଏକ ନୂତନ ପରିଚୟ ହୋଇଛି। ଜନସେବା ମାଧ୍ୟମରେ ଦେଶସେବାର ସଂକଳ୍ପ ଅନୁଯାୟୀ,

ଅବହେଳିତ ଓ ବଞ୍ଚିତ ବର୍ଗଙ୍କୁ ବିକାଶର ମୁଖ୍ୟଧାରାରେ ସାମିଲ କରିବାର ପ୍ରୟାସ ଜାରି ରହିଛି। ଏହା ଏକ ସଶକ୍ତ, ସମୃଦ୍ଧ ଓ ବିକଶିତ ଭାରତ ଗଠନର ମୂଳଦୁଆକୁ ଆହୁରି ସୁଦୃଢ଼ କରିଛି ।

## ପିଏମ୍-ମହାଳୟା

ମହାଳୟା ଅବସରରେ ଆଜି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ କରାଯାଉଛି । ଆଶ୍ୱିନ ପ୍ରତିପଦାଠାରୁ ଆରମ୍ଭ ହୋଇଥିବା ପିତୃପକ୍ଷ ଆଜି ଶେଷ ହେଉଛି । ପିତୃପୁରୁଷଙ୍କ ମୋକ୍ଷପ୍ରାପ୍ତି ଏବଂ ନିଜ ପରିବାର କଲ୍ୟାଣ ଉଦ୍ଦେଶ୍ୟରେ ଏହି ପିଣ୍ଡଦାନ ବିଧି ପରମ୍ପରା ବହୁ ପ୍ରାଚୀନ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାଳୟା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ମା’ ଦୁର୍ଗାଙ୍କର ଆଶୀର୍ବାଦ ସମାଜରେ ସୁଖ, କରୁଣା ଏବଂ ଆଶାର ସଂଚାର କରୁ । ସର୍ବତ୍ର ଶାନ୍ତି ଓ ସମୃଦ୍ଧି ବିରାଜମାନ କରୁ ବୋଲି ଶ୍ରୀ ମୋଦୀ କାମନା କରିଛନ୍ତି ।

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଧ୍ୟ ଏହି ଅବସରରେ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ମହାଳୟା ପିତୃପକ୍ଷର ସମାପ୍ତି ଏବଂ ଦେବୀପକ୍ଷର ଆରମ୍ଭକୁ ସୂଚୀତ କରେ । ଏହା ମଧ ମା’ ଦୁର୍ଗାଙ୍କର ଆଗମନର ବାର୍ତ୍ତାକୁ ବହନ କରିଥାଏ । ମା’ ଦୁର୍ଗାଙ୍କର ଆଶୀର୍ବାଦ ସମସ୍ତଙ୍କ ଜୀବନରେ ଅପାର ଆନନ୍ଦ, ସୁଖ ଏବଂ ସମୃଦ୍ଧି ଭରିଦେଉ ବୋଲି ଶ୍ରୀ ଶାହା କହିଛନ୍ତି ।

# କ୍ରିକେଟ୍

ପୁରୁଷ କ୍ରିକେଟ୍‌ରେ ଆସନ୍ତାକାଲି ଇନ୍ଦୋରର ହୋଲ୍‌କର ଷ୍ଟାଡିୟମରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚଳିତ ସିରିଜ୍‌ର ତୃତୀୟ ଟି-୨୦ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଖେଳାଯିବ ।  ଗତ ସନ୍ଧ୍ୟାରେ ରାଞ୍ଚିଠାରେ ଅନୁଷ୍ଠିତ ଟି-୨୦ କ୍ରିକେଟ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍' ଭାରତକୁ ୫ ୱିକେଟ୍‌ରେ ପରାସ୍ତ କରିବା ପରେ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍ ବର୍ତ୍ତମାନ ୧-୧ ସ୍ତରରେ ରହିଛି ।